Prameya - Pg-5

## ବିଆଇପିଏଫ୍ ପକ୍ଷରୁ ଆଇଡିଏଟ୍-୨୦୨୧

# କ୍ଷୁଧା ଏବେ ଦାନ ନୁହେଁ, ନ୍ୟାୟର ପ୍ରସଙ୍ଗ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଦଶମ 'ଆଇଡିଏଟ୍' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫିକି-ଆଦିତ୍ୟ ବିର୍ଲା ସିଏସ୍ଆର୍ ସେଣ୍ଟର ଫର୍ ଏକ୍ସିଲେନ୍ସ ଆଣ୍ଡ ଇମ୍ପାକ୍ଟ ଫର୍ ନ୍ୟୁଟ୍ରିସନ୍ ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରରେ 'ନ୍ୟୁଟ୍ରିସନ୍ ରିଇମାଜିନ୍ଡ-ଗୋଇଙ୍ଗ ଦି ଲୋକାଲ୍ ଓ୍ୱେ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍ହାପ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ କ୍ଷୁଧା ଆଉ ଦାନର ବିଷୟ ହୋଇନାହିଁ, ବରଂ ନ୍ୟାୟର ପ୍ରସଙ୍ଗ ପାଲଟିଛି। କୌଣସି ବ୍ୟକ୍ତି ଯେପରି କ୍ଷୁଧାରେ ନ ରହିବେ, ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ପୁଷ୍ଟିହୀନତା ଦୂର କରିବାକୁ ପ୍ରତ୍ୟେକସ୍ତରରେ ମିଳିତ ଉଦ୍ୟମ ହେବ। ପୋଷଣକୁ ଏକ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ପଡ଼ିବ ବୋଲି ଶ୍ରୀ ମେର୍ହାପ କହିଥିଲେ।

ମଧ୍ୟପ୍ରଦେଶ ମହିଳା ଏବଂ ଶିଶୁ ବିକାଶ ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ସ୍ୱର୍ଣ୍ଣିମା ଶୁକ୍ଳା ମଧ୍ୟପ୍ରଦେଶ ସରକାରଙ୍କ ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ଅଫ୍ ଆକ୍ୟୁଟ ମାଲ୍‌ନ୍ୟୁଟ୍ରିସନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମଧ୍ୟପ୍ରଦେଶରେ ପୋଷଣ ସରକାର, ପୋଷଣ ବାଟିକା କରାଯାଇଥିବା ସେ କହିଥିଲେ। ଗେଟ୍ସର ବରିଷ୍ଠ ନୀତି ପରାମର୍ଶଦାତା ଡ. ସୁପ୍ରୀତି କୌର ପୁଷ୍ଟିହୀନତା ଦୂର ପାଇଁ ସାର୍ବଜନୀନ ବେସରକାରୀ ସହଭାଗିତାକୁ ଗୁରୁତ୍ୱ ଦେବାକୁ କହିଥିଲେ। ପିରାମଲ ସ୍ୱାସ୍ଥ୍ୟର ଜନସ୍ୱାସ୍ଥ୍ୟ ମୁଖ୍ୟ ଡ. ଦେବିକା ଗାଲି ପୋଷଣ କାର୍ଯ୍ୟକ୍ରମରେ ସିଏସ୍ଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି କହିଥିଲେ। ବିଆଇପିଏଫ୍‌ର ସିଇଓ ସେଫାଲିକା ପଣ୍ଡା ଆଞ୍ଚଳିକ ଭିତ୍ତିକ ଖାଦ୍ୟ ମଡେଲର ବିକାଶ ପାଇଁ ଘରୋଇ କ୍ଷେତ୍ରରେ ଗବେଷଣା ଓ ବିନିଯୋଗ କରାଯାଇପାରିବ ବୋଲି କହିଥିଲେ। ଅଧିବେଶନକୁ ୟୁନିସେଫ୍ ଓଡ଼ିଶାର ପୋଷଣ ବିଶେଷଜ୍ଞ ଡ. ସୌରଭ ଭଟ୍ଟାଚାର୍ଯ୍ୟ ପରିଚାଳନା କରିଥିଲେ।

Samaya - Pg-3

## ଆଇଡିଏଟ୍‌ର ୧୦ମ ସଂସ୍କରଣ

# କୁପୋଷଣ ବିରୋଧରେ ମିଳିତ ଲଢ଼େଇ ଆବଶ୍ୟକ



ଭୁବନେଶ୍ୱର (ସବ୍ୟୁ): ସମାଜରୁ କୁପୋଷଣ ସମସ୍ୟା ଦୂର କରିବା ପାଇଁ ଏକ ଦୀର୍ଘମିଆଦି ଓ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ଓ ଏ ସଂପର୍କରେ କାର୍ଯ୍ୟ କରୁଥିବା ସହଭାଗିମାନେ ଏଥିପାଇଁ ଆଗେଇ ଆସିବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି । କୁପୋଷଣକୁ ନେଇ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ବୁଧବାର ଆୟୋଜିତ ଆଇଡିଏଟ୍ କାର୍ଯ୍ୟକ୍ରମ ଅବସରରେ ଏହି ମତ ପ୍ରକାଶ ପାଇଛି । ଏଥିପାଇଁ ଆୟୋଜିତ ୱେବିନାରରେ ଅଂଶ ଗ୍ରହଣ କରି ରାଜ୍ୟ ଖାଦ୍ୟକମିଶନର ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ୍ କହିଛନ୍ତି କୁପୋଷଣ ବିରୁଦ୍ଧରେ ଏକ ମିଳିତ ଲଢ଼େଇର ଆବଶ୍ୟକତା ରହିଛି । ଏହା ଏକ ଜନଆନ୍ଦୋଳନର ରୂପ ନେବା ଉଚିତ୍ । ସେ କହିଲେ କ୍ଷୁଧା କୁ ଏକ ଦାତବ୍ୟ କାର୍ଯ୍ୟଭାବେ ନଦେଖି ସବୁ ଅଂଶିଦାର ମିଳିତଭାବେ ଏହା ବିରୁଦ୍ଧରେ ଲଢ଼େଇ କରିବା ଉଚିତ୍ । ପୃଷ୍ଟିହିନ କାର୍ଯ୍ୟ ଦୀର୍ଘବର୍ଷ ଧରି ଏକ ଚ୍ୟାଲେଞ୍ଜ ଭାବେ ରହିଆସିଛି ଯାହାକି ଆନ୍ତଃ ପୀଢ଼ି ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ସ୍ୱତନ୍ତ୍ର ପୃଷ୍ଟିକର ବଜେଟ୍ ଘୋଷଣା କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ବଂଶିଧର ଏବଂ ଇଲା ଫାଉଣ୍ଡେସନର ସିଇଓ ସୈଫାଳିକା ପଣ୍ଡା କହିଥିଲେ । ସ୍ଥାନୀୟ ଭିତ୍ତିକ ଖାଦ୍ୟ ମଡେଲର ବିକାଶ ପାଇଁ ଅନୁସନ୍ଧାନ ଓ ବିନିଯୋଗ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଯୁବ ନିର୍ଦ୍ଦେଶିକା ସ୍ୱର୍ଣ୍ଣିମା ଶୁକ୍ଲା ତାଙ୍କ ସରକାରଙ୍କ ପୃଷ୍ଟିହିନତା କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏସ୍‌ଏଚ୍‌ଜି ଭଳି ସଂପ୍ରଦାୟ ଆଧାରିତ ପୃଷ୍ଟିକର ଉଦ୍ୟୋଗୀ ମଡେଲକୁ ପରିମଳ ସ୍ୱାସ୍ଥ୍ୟର ପ୍ରାଥମିକତା ହେବା ଉଚିତ୍ ବୋଲି ଗ୍ଲୋବାଲ୍ ଆଲାଏନ୍ସ ଫର ଇମ୍ପ୍ରୁଭଡ୍ ନ୍ୟୁଟ୍ରିସନର ମୁଖ୍ୟ ପରିଚାଳକ ଦେବିକା ଗାଲି କହିଛନ୍ତି ।